**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**09 December - 2024**

**News Editor : *Itishree Singh Rathaur***

## ରାଷ୍ଟ୍ରପତି – ପଞ୍ଚାୟତ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ପଞ୍ଚାୟତ ପୁରସ୍କାର ସମାରୋହରେ ଯୋଗଦେଇ ପୁରସ୍କାର ପ୍ରଦାନ କରିବେ। ଚଳିତ ବର୍ଷ ବିଭିନ୍ନ ବର୍ଗରେ ୪୫ ଜଣ ପୁରସ୍କାର ବିଜେତାଙ୍କୁ ଚୟନ କରାଯାଇଛି। ଯାହା ତୃଣମୂଳ, ପ୍ରଶାସନ ଏବଂ ଗୋଷ୍ଠୀ ବିକାଶରେ ବ୍ୟାପକ ସଫଳତାକୁ ପ୍ରତିଫଳିତ କରୁଛି। ୨୦୨୨-୨୩ ପାଇଁ ଓଡ଼ିଶା ବିଭିନ୍ନ ବର୍ଗରେ ୭ଟି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି ବୋଲି ସୂଚନା ମିଳିଛି।

## ମୁଖ୍ୟମନ୍ତ୍ରୀ– ଲୋକ ମହୋତ୍ସବ

ନବରଙ୍ଗପୁର ଜିଲ୍ଲାରେ ଅନୁଷ୍ଠିତ ଲୋକ ମହୋତ୍ସବ ମଣ୍ଡେଇ-୨୦୨୪ର ଉଦ୍‌ଯାପନୀ ଉତ୍ସବରେ ଗତକାଲି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ନବରଙ୍ଗପୁର ଜିଲ୍ଲାର ବିକାଶ ପାଇଁ ୪୬୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ୨୬୧ଟି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜନଜାତି ସମ୍ପ୍ରଦାୟଙ୍କ କଳା, ସଂସ୍କୃତି ଓ

ପରମ୍ପରା ଭିତରେ ଲୁଚି ରହିଥିବା ବାସ୍ତବତାକୁ ଏହି ମଣ୍ଡେଇ ମହୋତ୍ସବ ଲୋକଲୋଚନକୁ ଆଣୁଛି ବୋଲି ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଜନଜାତି ଜୀବିକା ମିଶନ ଜରିଆରେ ଆଦିବାସୀ ବହୁଳ ଜିଲ୍ଲାମାନଙ୍କରେ ରୋଜଗାର ଓ ଜୀବିକାର ବ୍ୟାପକ ସୁଯୋଗ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ସୌନ୍ଦର୍ଯ୍ୟରେ ଭରପୁର ନବରଙ୍ଗପୁର ମାଟି ହେଉଛି ମହାନ୍ ସ୍ୱାଧୀନତା ସଂଗ୍ରାମୀମାନଙ୍କର ବଳିଦାନର ପୀଠ। ମଣ୍ଡେଇ ମହୋତ୍ସବ ପାଇଁ ନବରଙ୍ଗପୁର ଜିଲ୍ଲା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ସେ ଅଭିହିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ସାଂସଦ ବଳଭଦ୍ର ମାଝୀ, ମଜିବୁଲ୍ଲା ଖାନ ପ୍ରମୁଖ ଯୋଗ ଦେଇଥିଲେ।

## ମେଡିକାଲ କଲେଜ ପ୍ରତିଷ୍ଠା

ରାଜ୍ୟରେ ଆସନ୍ତା ଶିକ୍ଷା ବର୍ଷରୁ ଆଉ ଦୁଇଟି ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ସହ ଆସନ୍ତା ୫ ବର୍ଷ ମଧ୍ୟରେ ସବୁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁ କହିଛନ୍ତି। ରାଜ୍ୟରେ ଗୁଣାତ୍ମକମାନର ଶିକ୍ଷା ସହିତ ଡାକ୍ତରୀ ପାଠ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରୁଛନ୍ତି। ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ

ଚିକିତ୍ସାଳୟ ପର୍ଯ୍ୟନ୍ତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ବିଶେଷଜ୍ଞଙ୍କ ଅଭାବ ଖୁବ୍‌ଶୀଘ୍ର ପୂରଣ ହେବ ବୋଲି ସେ କହିଛନ୍ତି ।

# ଅପାର ଦିବସ

ରାଜ୍ୟରେ ଆଜିଠାରୁ ଦୁଇଦିନିଆ ବୃହତ୍ ଏକକ ଆଇ.ଡି. କାର୍ଡ– ଅପାର ଦିବସ ପାଳନ ହେଉଛି । ଅପାର ଆଇ.ଡି ପଞ୍ଜୀକରଣରେ ଆଧାର କାର୍ଡରେ ଥିବା ବିଭିନ୍ନ ତ୍ରୁଟିକୁ ସୁଧାରିବା ପାଇଁ ରାଜ୍ୟର ସମସ୍ତ ବିଦ୍ୟାଳୟରେ ଆଜି ଏବଂ ଆସନ୍ତାକାଲି ଏହି ଦିବସ ପାଳନ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି । ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଛାତ୍ରଛାତ୍ରୀଙ୍କ ଏକକ ଆଇ.ଡି.କାର୍ଡ (ଅପାର) କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେବା ପରେ ରାଜ୍ୟର ଏହି ଅଭିଯାନ ଆଜିଠାରୁ ଆରମ୍ଭ ହେଉଛି । ପ୍ରାଥମିକରୁ ଉଚ୍ଚଶିକ୍ଷା ଯାଏଁ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ଓ ସଫଳତା ବାବଦରେ ଏଥିରେ ସମ୍ପୂର୍ଣ୍ଣ ତଥ୍ୟ ଅପଲୋଡ୍ ହେବ । ନାମଲେଖାରୁ ଆରମ୍ଭ କରି ନିଯୁକ୍ତି କ୍ଷେତ୍ରରେ ଏହା ସାହାଯ୍ୟ କରିବ ବୋଲି ଏହି ଅଭିଯାନ ଆରମ୍ଭ କରାଯାଇଛି । ପରବର୍ତ୍ତୀ ସମୟରେ  ପ୍ରତିମାସର ଏହି ତାରିଖରେ ମେଗା ଅପାର ଦିବସ ପାଳନ କରାଯିବ ବୋଲି ସୂଚନା ମିଳିଛି ।

# ବିଶ୍ୱ ମାନବ ଅଧିକାର ଦିବସ

ମାନବ ଅଧିକାର ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଡିସେମ୍ବର ୧୦ ତାରିଖକୁ ବିଶ୍ୱ ମାନବ ଅଧିକାର ଦିବସ ଭାବେ ପାଳନ କରାଯାଉଛି । ଏହି ଦିବସରେ ପ୍ରତ୍ୟେକ ମାନବ ଜାତିର ସମ୍ମାନ, ମର୍ଯ୍ୟଦା ଓ ଅଧିକାରର ଗୁରୁତ୍ୱକୁ ଉପସ୍ଥାପିତ କରାଯାଇଥାଏ । ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଆସନ୍ତାକାଲି ଓଡ଼ିଶା ମାନବ ଅଧିକାର ଆୟୋଗ ପକ୍ଷରୁ ଏହି ଦିବସ ପାଳନ କରାଯିବ । ଏକ ବିଶେଷ କାର୍ଯ୍ୟକ୍ରମରେ ଆସନ୍ତାକାଲି ଓଡ଼ିଶା ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣସିଂ, ମାନବ ଅଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିବାର କାର୍ଯ୍ୟସୂଚୀ ରହିଛି ।

## ଆଥଲେଟିକ୍ସ ପ୍ରତିଯୋଗିତା

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସରେ ଓଡ଼ିଶାକୁ ପ୍ରଥମ ସ୍ୱର୍ଣ୍ଣ ପଦକ ମିଳିଛି । ୨୦ ବର୍ଷରୁ କମ୍ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ  ରାଜ୍ୟର ଦଣ୍ଡପତି ଜୟରାମ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି । ଜୟରାମଙ୍କ ଏହି ସଫଳତା ପରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କଳିଙ୍ଗ ଷ୍ଟାଡିୟମ୍‌ରେ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି । ଜୟରାମଙ୍କ ଏହି ବିଜୟ ଯୁବକ୍ରୀଡ଼ାବିତ୍‌ମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୁରଜ ମତପ୍ରକାଶ କରିଛନ୍ତି ।

# ଦକ୍ଷ ବିକାଶ ଭାରତ

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ  ଦକ୍ଷ ବିକାଶ ଭାରତ ଯୁବ ନେତୃତ୍ୱର ସ୍ଲୋଗାନ, ମନ୍ତବ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ର ଯୁବ ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷ ବିକାଶ ଭାରତ ବିଷୟ ଯୁକ୍ତ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ବିକଶିତ ଭାରତ ଦିଗରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ସହ ବିକଶିତ ପଦକ୍ଷେପ ସମ୍ପର୍କରେ ଅନୁଧ୍ୟାନ କରିବାର ସୁଯୋଗ ସୃଷ୍ଟି ହୋଇଛି ବୋଲି ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଅଧ୍ୟାପକମାନେ ମତପ୍ରକାଶ କରିଥିଲେ।

# ପାଣିପାଗ

ରାଜ୍ୟରେ ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନ ଆସିଲେ ମଧ୍ୟ ପରବର୍ତ୍ତୀ ସମୟରେ ରାତିର ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ଥିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, କଟକ ଏବଂ ଖୋର୍ଦ୍ଧା ଜିଲ୍ଲାର କେତେକ ଅଞ୍ଚଳରେ ହାଲୁକା ବର୍ଷା ହେବାର ସମ୍ଭାବନା

ରହିଛି। ରାଜ୍ୟରେ ଗତକାଲି ରାତିର ସର୍ବନିମ୍ନ ତାପମାତ୍ରା କୋରାପୁଟରେ ୧୩ ଦଶମିକ ୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ରାଉରକେଲାରେ ୧୩ ଦଶମିକ ୮ ଓ ସୁନ୍ଦରଗଡ଼ରେ ୧୪ ଦଶମିକ ୮ ଡିଗ୍ରୀ ସେଲସିୟସ ରହିଥିଲା।